# ସବୁଜ ଗିରି
# SABUJA GIRI

KRISHI VIGYAN KENDRA, GAJAPATI
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Indian Council of Agricultural Research, New Delhi
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

ଊନବିଂଶ ବର୍ଷ | ସଂଖ୍ୟା - ୩ | ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ: ୨୦୨୪୦୩୦୧୮ | ଅକ୍ଟୋବର-ଡିସେମ୍ବର ୨୦୨୩


## କୃଷି ବିଜ୍ଞାନ କେନ୍ଦ୍ରର ଆଭିମୁଖ୍ୟ

କୃଷିବିଜ୍ଞାନ କେନ୍ଦ୍ର ଗଜପତିର ନିଜସ୍ୱ ସମାଚାର ପତ୍ରିକା 'ସବୁଜଗିରି'ର ଊନବିଂଶ ବର୍ଷର ତୃତୀୟ ସଂସ୍କରଣ ପ୍ରକାଶ ପାଇଛି। ଉନ୍ନତ ପ୍ରଣାଳୀରେ ଚାଷ ପଦ୍ଧତି, ନୂତନ ଜ୍ଞାନକୌଶଳ, ନୂତନ କୃଷି ଯନ୍ତ୍ରପାତି ଇତ୍ୟାଦିର କ୍ଷେତ୍ର ପ୍ରଦର୍ଶନୀ, କ୍ଷେତ୍ର ପରୀକ୍ଷଣ ତଥା ତାଲିମ୍ ଶିକ୍ଷା ପ୍ରଦାନ ଦ୍ୱାରା କୃଷିବିଜ୍ଞାନ କେନ୍ଦ୍ର ଅହରହ ଚାଷୀମାନଙ୍କର ହିତ ସାଧନ କରିବାରେ ତତ୍ପର ରହିଛି। ପାହାଡ଼, ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଚାଷୀମାନଙ୍କର ଉନ୍ନତି ନିମନ୍ତେ କୃଷିବିଜ୍ଞାନ କେନ୍ଦ୍ର ସର୍ବଦା କାର୍ଯ୍ୟରତ। ବିଭିନ୍ନ ସମୟରେ କୃଷକମେଳା, କୃଷିଭିତ୍ତିକ ପ୍ରଦର୍ଶନୀ, କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର, କ୍ଷେତ୍ର ଦିବସ ଏବଂ ବୈଷୟିକ ସପ୍ତାହ ପାଳନ କରାଯାଉଛି। କୃଷି ଏବଂ ଆନୁସଙ୍ଗିକ ସରକାରୀ ବିଭାଗ ସହ ଉପଯୁକ୍ତ ଯୋଗାଯୋଗ ରକ୍ଷା କରି କୃଷି ବିଜ୍ଞାନ କେନ୍ଦ୍ର ଜିଲ୍ଲାରେ କୃଷିର ଉନ୍ନତିରେ ସମୟୋଚିତ ପଦକ୍ଷେପ ନେଇପାରିଛି। ପାଣିପାଗର ପୂର୍ବାନୁମାନ କୃଷି ପରାମର୍ଶ ଆଦି ଚାଷୀମାନଙ୍କୁ ମୋବାଇଲ ମାଧ୍ୟମରେ ଅବଗତ କରାଇ ଚାଷୀମାନଙ୍କ ପାଖରେ ଆସ୍ଥାଭାଜନ ହୋଇପାରିଛି। ଏହି କେନ୍ଦ୍ର ପରିସରରେ ଅବସ୍ଥିତ ବିଭିନ୍ନ ପ୍ରଦର୍ଶନ ଏକକ ପରିପାଳନ ଉତ୍ପାଦନ ଯଥା ଉନ୍ନତମାନର ଆମ୍ବ, ଲିଚୁ, ପିଜୁଳି, ଲେମ୍ବୁ, ସପୁରୀ, ଉନ୍ନତ ଚାରା ଉତ୍ପାଦନ, ପାକଶାଳା ବଗିଚା, ଜିଆଖତ, ଆଜୋଲା ଏବଂ ମହୁମାଛି ପାଳନ ଆଦି ଚାଷୀମାନଙ୍କ ପାଇଁ ବେଶ୍ ଶିକ୍ଷଣୀୟ ଏବଂ ଗୋଲାପ ଫୁଲ ବଗିଚା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଅଣଧାନ ଚାଷ, କ୍ଷୁଦ୍ରଶସ୍ୟ ଚାଷକୁ ପ୍ରାଧାନ୍ୟ ଦେଇ ଜିଲ୍ଲାରେ ମାଣ୍ଡିଆ, ସୁଆଁ, ବାଜରାରୁ ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛି। କୃଷି ବିଜ୍ଞାନ କେନ୍ଦ୍ରଠାରେ ମାଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଏହା ସହିତ ଆଦିବାସୀ ଜନଜାତି ଚାଷୀମାନଙ୍କର ରୋଜଗାରରେ ଉନ୍ନତି ଆଣିବା ନିମନ୍ତେ ବିଭିନ୍ନ କୃଷିଭିତ୍ତିକ ଯନ୍ତ୍ରପାତି ଏବଂ ଉନ୍ନତ ଚାରା ଯୋଗାଇ ଦିଆଯାଉଛି। ଦକ୍ଷତା ତାଲିମ୍ ଶିବିର ଦ୍ୱାରା ଗ୍ରାମୀଣ ବେକାର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବାରେ ମଧ୍ୟ କୃଷିବିଜ୍ଞାନ କେନ୍ଦ୍ର ଆଗେଇ ଆସିଛି। ଭାରତ ସରକାରଙ୍କ ବିଭିନ୍ନ ଯୋଜନାକୁ ଚାଷୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଏବଂ ଚାଷୀମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରିବା ପାଇଁ ଆମ କେନ୍ଦ୍ର ଅନବରତ ଚେଷ୍ଟା କରିଆସୁଛି।










୧, ଗଞ୍ଜାମ-୨ର ରୋଗପୋକ ବୈଜ୍ଞାନିକ ତଥା କୃଷିବିଜ୍ଞାନ କେନ୍ଦ୍ର ଗଜପତିର ବୈଜ୍ଞାନିକଗଣ ତାଲିମ୍ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ତାଲିମ୍ ପ୍ରାପ୍ତ ଚାଷୀ ଭାଇ ଭଉଣୀମାନଙ୍କୁ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁ ମାନପତ୍ର ପ୍ରଦାନ କରିଥିଲେ ।

## କୃଷି ବିଜ୍ଞାନ ପରିସରରେ ବାଇଗଣୀ ଫୁଲକୋବି ଚାଷ



ଗଜପତି ଜିଲ୍ଲାର ଜଳବାୟୁ କୋବି ଜାତୀୟ ଫସଲ ନିମନ୍ତେ ବେଶ୍ ଉପଯୁକ୍ତ ଥିବା ଯୋଗୁଁ ଶୀତଋତୁ ଆରମ୍ଭରୁ ପ୍ରଚୁର ପରିମାଣରେ କୋବି ଚାଷ ହୋଇଥାଏ । ଉପଯୁକ୍ତ ଜଳବାୟୁ ତଥା କୋବି ଚାଷ ପ୍ରତି ଚାଷୀମାନଙ୍କର ଆଗ୍ରହକୁ ଲକ୍ଷ୍ୟ ରଖି ଏହି ବର୍ଷ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ପ୍ରଦର୍ଶନ ଏକକ କ୍ଷେତ୍ରରେ ବାଇଗଣୀ ରଙ୍ଗର ଫୁଲକୋବି ଚାଷ କରାଯାଇଥିଲା । କେନ୍ଦ୍ରର ଉଦ୍ୟାନ ବୈଜ୍ଞାନିକା ଡଃ ସୁଶ୍ରୀ ଚୌଧୁରୀ ବୈଜ୍ଞାନିକ ପଦ୍ଧତିରେ ବାଇଗଣୀ ଫୁଲକୋବି ଚାଷ ବିଷୟରେ ତାଲିମ୍ ପ୍ରଦାନ କରିବା ସହିତ ଏଥିରେ ଥିବା ଖାଦ୍ୟସାର ଏବଂ ଔଷଧୀୟ ଗୁଣ ବିଷୟରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବୁଝାଇଥିଲେ । ଏଥିରେ ଏନ୍ଥୋସିଆନିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଥିବା ଯୋଗୁଁ ଏହାର ରଙ୍ଗ ବାଇଗଣୀ ହେବା ସହିତ ଏହା ହୃଦ୍‌ରୋଗ, କ୍ୟାନ୍‌ସର ପରି ମାରାତ୍ମକ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଚାଷୀଭାଇମାନେ ଏହାର ଚାରା ପାଇବା ନିମନ୍ତେ ଏବଂ ଏହାକୁ ଚାଷ କରିବା ନିମନ୍ତେ ଆଗ୍ରହ ଏବଂ ଉତ୍କଣ୍ଠା ପ୍ରକାଶ କରିଛନ୍ତି । ରା. ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ




ଶ୍ରୀ ଲକ୍ଷ୍ମିମନ୍ ଖରସେଲ୍ ଏହି ଏକକ କ୍ଷେତ୍ର ପରିଦର୍ଶନ କରି ବେଶ୍ ଆନନ୍ଦିତ ହେବା ସହିତ ଏହାକୁ ଜିଲ୍ଲାରେ ଅଧିକ ଲୋକପ୍ରିୟ କରାଇବା ନିମନ୍ତେ କେନ୍ଦ୍ରର ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁଙ୍କୁ ପରାମର୍ଶ ଦେଇଥିଲେ ।

## ଚାଷୀ କ୍ଷେତ୍ରରେ ରୋଗ ପ୍ରତିରୋଧକ ଟମାଟୋର ସଫଳ କ୍ଷେତ୍ର ପରୀକ୍ଷଣ



ଗଜପତି ଜିଲ୍ଲାରେ କରାଯାଉଥିବା ବିଭିନ୍ନ ଲାଭଦାୟକ ପନିପରିବା ଚାଷ ମଧ୍ୟରୁ ଟମାଟୋ ଚାଷରୁ ଆଦିବାସୀ ଚାଷୀ ଭାଇମାନେ ଯଥୋଚିତ ଲାଭ ପାଇଥାନ୍ତି । ମାତ୍ର ଚାଷୀ ଭାଇମାନଙ୍କ ମଧ୍ୟରେ ଟମାଟୋର ଉନ୍ନତ କିସମର ମଞ୍ଜି, ଚାରା ପ୍ରସ୍ତୁତି, ଚାରା ବିଶୋଧନ ଇତ୍ୟାଦି ସମ୍ବନ୍ଧରେ ସଚେତନତା ଅଭାବରୁ ଅନେକ କ୍ଷତି ସହିବାକୁ ପଡ଼ିଥାଏ । ତେଣୁ ଚଳିତ ବର୍ଷରେ କୃଷିବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ ଟମାଟୋ କିସମ ଆର୍କା ସମ୍ରାଟ ଏବଂ ଆର୍କା ଅଭେଦର ଚାଷୀ କ୍ଷେତ୍ରରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହା ସହିତ ବୈଜ୍ଞାନିକ ପ୍ରଣାଳୀରେ ଟମାଟୋ ଚାଷ ସମ୍ବନ୍ଧରେ ତାଲିମ୍ ମଧ ଦିଆଯାଇଥିଲା । ଦୁଇଟି କିସମ ମଧ୍ୟରୁ ଆର୍କା ଅଭେଦ ଭଲ ଅମଳ ଦେଇଥିଲା । ଏହି ଆର୍କା ଅଭେଦ କିସମ ଚାଷ କରିବା ଦ୍ୱାରା ଚାଷୀଭାଇମାନେ ଝାଉଁଳା, ପତ୍ରପୋଡ଼ା ତଥା ଭୂତାଣୁଜନିତ ରୋଗରୁ ରକ୍ଷା ପାଇବା ସହିତ ପ୍ରାୟ ୩୬୦ କ୍ୱିଣ୍ଟାଲ ପ୍ରତି ହେକ୍ଟର ପର୍ଯ୍ୟନ୍ତ ଅମଳ ପାଇ ପାରିଥିଲେ ।

## ମାଣ୍ଡିଆ କିସମ ଅର୍ଜୁନର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ



ଗଜପତି ଜିଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ । ଏଠାରେ ଅଧିକାଂଶ ଲୋକ ମାଣ୍ଡିଆ, ସୁଆଁ, ବାଜରା, ଜହ୍ନା ଇତ୍ୟାଦି ଲଘୁ ଶସ୍ୟ ଚାଷ କରିଥାନ୍ତି । କିନ୍ତୁ ଉନ୍ନତ କିସମ ନ ପାଇବା ଯୋଗୁଁ ଆଶାନୁରୂପ ଅମଳ ପାଇନଥାନ୍ତି । ତେଣୁ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ଚଳିତ ବର୍ଷ ମାଣ୍ଡିଆର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଯେଉଁଥିରେ କି ଚାଷୀ ଭାଇମାନଙ୍କୁ ଅର୍ଜୁନ କିସମ ବିହନ ପ୍ରଦାନ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ ରା. ଉଦୟଗିରି ଏବଂ ନୂଆଗଡ଼ ବ୍ଲକ ଚାଷୀ ଭାଇମାନଙ୍କୁ ଏକ ଏକର ଜମି ପାଇଁ ମାଣ୍ଡିଆ ବିହନ ପ୍ରଦାନ କରାଯାଇଥିଲା । ଏହି କିସମରୁ ଚାଷୀମାନେ ହେକ୍ଟର ପିଛା ୧୩.୮୫ କ୍ୱିଣ୍ଟାଲ ଅମଳ ପାଇଥିଲେ ।

NEWS LETTER

## ମହିଳା କିସାନ୍ ଦିବସ ପାଳନ



କୃଷିକାର୍ଯ୍ୟ କରି ପରିବାର ଭରଣପୋଷଣ କରିବା ସହିତ ସମାଜର ଆର୍ଥିକ ବିକାଶ କରିବାରେ ମହିଳାଙ୍କର ସର୍ବାଧିକ ଅବଦାନ ରହିଥାଏ । କୃଷିକାର୍ଯ୍ୟରେ ମହିଳାମାନଙ୍କର ଗୁରୁତ୍ୱ ଉପଲବ୍ଧି କରିବା ନିମନ୍ତେ ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖ ଦିନ ମହିଳା କିସାନ୍ ଦିବସ ପାଳନ କରାଯାଏ । ଏହି ବର୍ଷ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଏହି ଦିବସଟି ପାଳନ କରାଯାଇଥିଲା । ଏଥିରେ ବିଭିନ୍ନ ଗ୍ରାମରୁ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଚାଷୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ଉପଯୋଗୀ କୃଷି ପ୍ରଣାଳୀ, ନୂତନ ଜ୍ଞାନକୌଶଳ ଉପଯୋଗ କରି ମହିଳାମାନେ ନିଜର ଆୟ କିପରି ଦ୍ୱିଗୁଣିତ କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ପନିପରିବା ଘରା ବଣ୍ଟନ କରାଯାଇଥିଲା ।

## ବିଶ୍ୱ ଖାଦ୍ୟ ଦିବସ ପାଳନ




ଅକ୍ଟୋବର ୧୬ ତାରିଖ ହେଉଛି ଜାତିସଂଘ ଅଧୀନସ୍ଥ ଖାଦ୍ୟ ଓ କୃଷି ସଂଗଠନର ପ୍ରତିଷ୍ଠା ଦିବସ । ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖରେ ବିଶ୍ୱବ୍ୟାପୀ ଖାଦ୍ୟ ଦିବସ ପାଳିତ ହୋଇଆସୁଛି । ଏହି ବର୍ଷ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଏହି ଦିବସଟି ପାଳନ କରାଯାଇଥିଲା । ଉତ୍ପାଦନ ବୃଦ୍ଧି ସହିତ ଖାଦ୍ୟର ସଦୁପଯୋଗ କରିବା ସହ ବଳକା ଖାଦ୍ୟକୁ ନଷ୍ଟ ନ କରି ଭୋକିଲା ଲୋକଙ୍କ ପାଟିରେ ଦେଇ ମହାନ କାର୍ଯ୍ୟ କରିବା ଉଚିତ ବୋଲି ନିଜର ଅଭିଭାଷଣ ମାଧ୍ୟମରେ କେନ୍ଦ୍ରର ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁ ଉପସ୍ଥିତ ଚାଷୀମାନଙ୍କୁ ଜଣାଇଥିଲେ ।

## ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ




ରା. ଉଦୟଗିରିସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ଚଳିତ ବର୍ଷ ୨୮ ଅକ୍ଟୋବର ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଭିଜିଲାନ୍ସ ବା ଜାଗୃକତା ସଚେତନତା ସପ୍ତାହ କେନ୍ଦ୍ର ପରିସରରେ ପାଳନ କରାଯାଇଥିଲା । ଏହି ଅବସରରେ ସାଧୁତା ବା ସଚ୍ଚୋଟତା - ଏକ ଜୀବନଶୈଳୀ ଶୀର୍ଷକ ବିଷୟରେ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁ ଏବଂ ଅନ୍ୟାନ୍ୟ ବୈଜ୍ଞାନିକଗଣ ତଥା ସମସ୍ତ କର୍ମକର୍ତ୍ତା ସଚ୍ଚୋଟତା ଶପଥ ଗ୍ରହଣ କରିଥିଲେ ।

## ବୈଜ୍ଞାନିକ ପ୍ରଣାଳୀରେ ମହୁମାଛି ପାଳନ ସମ୍ବନ୍ଧୀୟ ତାଲିମ୍




ଚଳିତ ବର୍ଷ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ବୈଜ୍ଞାନିକ ପ୍ରଣାଳୀରେ ମହୁମାଛି ପାଳନ ବିଷୟରେ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ନଭେମ୍ବରରୁ ଡିସେମ୍ବର ମାସ ମଧ୍ୟରେ ତିନିଗୋଟି ପର୍ଯ୍ୟାୟରେ ପରିଚାଳନା କରାଯାଇଥିଲା । ପ୍ରତ୍ୟେକ ପର୍ଯ୍ୟାୟରେ ସାତଦିନ ପର୍ଯ୍ୟନ୍ତ ୨୫ ଜଣ ଆଗ୍ରହୀ ଚାଷୀଙ୍କୁ ଆବାସିକ ତାଲିମ୍ ପ୍ରଦାନ କରାଯାଇଥିଲା । ଏଥିରେ ମୋହନା, ରା. ଉଦୟଗିରି, ନୂଆଗଡ଼ ଏବଂ ରାୟଗଡ଼ ବ୍ଲକର ସମୁଦାୟ ୭୫ ଜଣ ଚାଷୀ ଭାଇ ଭଉଣୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି ତାଲିମ୍ କାର୍ଯ୍ୟକ୍ରମରେ ବୈଜ୍ଞାନିକ ପ୍ରଣାଳୀରେ ମହୁମାଛି ପାଳନ ତଥା ମହୁ ଅମଳ ବିଷୟରେ ତାଲିମ୍ ପ୍ରଦାନ କରାଯାଇଥିଲା । ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଭୁବନେଶ୍ୱର, ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟର ବିଶେଷଜ୍ଞ, କନ୍ଧମାଳସ୍ଥିତ କୃଷି ଗବେଷଣା ସଂସ୍ଥାର ଉପନିର୍ଦ୍ଦେଶକ, ଗଜପତି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ ଅଧିକାରୀ ଏବଂ କୃଷିବିଜ୍ଞାନ କେନ୍ଦ୍ର ରାୟଗଡ଼ା, ଗଞ୍ଜାମ-

NEWS LETTER

# ଲମ୍ବା ଝୁଡୁଙ୍ଗ କିସମ ଆର୍କା ମଙ୍ଗଳାର କ୍ଷେତ୍ର ପ୍ରଦର୍ଶନୀ



ଖରିଫ୍ ଋତୁରେ ଲମ୍ବା ଝୁଡୁଙ୍ଗ କିସମ ଆର୍କା ମଙ୍ଗଳାର କ୍ଷେତ୍ର ପ୍ରଦର୍ଶନୀ ଦିହୁଡ଼ିସାହି, ସୁରେଇଖମାର ଗ୍ରାମରେ କରାଯାଇଅଛି । ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଝୁଡୁଙ୍ଗ ଚାଷ ହୋଇଥାଏ ମାତ୍ର ଏହି ଝୁଡୁଙ୍ଗ କିସମ ଗୁଡ଼ିକରେ ୱାଇ.ଏମ୍.ଭି (Yellow Mosaic Virus) ରୋଗ ବ୍ୟାପୀ ଅମଳ ଖୁବ୍ ମାତ୍ରାରେ ପ୍ରଭାବିତ ହୋଇଥାଏ । ତେଣୁ କୃଷିବିଜ୍ଞାନ କେନ୍ଦ୍ର ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଥିବା କିସମ ଆର୍କା ମଙ୍ଗଳାର କ୍ଷେତ୍ର ପ୍ରଦର୍ଶନୀ କରାଯାଇଛି । ଏହି କିସମକୁ ଧାଡ଼ିକୁ ଧାଡ଼ି ୬୦ ସେ.ମି. ଏବଂ ଗଛକୁ ଗଛ ୪୫ ସେ.ମି. ଦୂରତାରେ ବୁଣିବା ସହିତ ପ୍ଲାଷ୍ଟିକ ସୂତା ଏବଂ ବାଉଁଶ ଦ୍ୱାରା ଭାଡ଼ି ପ୍ରସ୍ତୁତ କରି ଚାଷ କରିଥିଲେ । ଏହି ପ୍ରଣାଳୀରେ ଚାଷ କରିବା ପାଇଁ ତାଲିମ୍ ମଧ୍ୟ ଦିଆଯାଇଥିଲା । ଏହି ଝୁଡୁଙ୍ଗ କିସମ ଚାଷ କରିବା ଦ୍ୱାରା ଚାଷୀମାନେ ୱାଇ.ଏମ୍.ଭି. ରୋଗ ଜନିତ କ୍ଷତିରୁ ରକ୍ଷା ପାଇବା ସହିତ ହେକ୍ଟର ପିଛା ୧୮୪.୩ କ୍ୱିଣ୍ଟାଲ ଅମଳ ପାଇଥିଲେ । ଆର୍କା ମଙ୍ଗଳା ଝୁଡ଼ୁଙ୍ଗ କିସମଟି ବଜାରରେ ଗ୍ରାହକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା ।

# ବିଶ୍ୱ ମୃତ୍ତିକା ଦିବସ ପାଳନ

କୃଷିକାର୍ଯ୍ୟର ମୂଳ ଉପାଦାନ ହେଉଛି ମାଟି । ମାଟି ଉର୍ବର ଥିଲେ ଫସଲ ଭଲ ହୁଏ । ନଚେତ ଯେତେ ପରିଶ୍ରମ କଲେ ବି ମାଟିର ମାନ ଭଲ ନ ଥିଲେ ଫସଲ ଅମଳ ଭଲ ହୁଏ ନାହିଁ । ବର୍ତ୍ତମାନ ସମୟରେ କମ୍ ପରିଶ୍ରମରେ ଅଧିକ ଅମଳ ପାଇବା ଲୋଭରେ ଚାଷୀମାନେ ଅଧିକ ରାସାୟନିକ ସାର ବ୍ୟବହାର କରିବା ଫଳରେ ମାଟିର ମାନ ଧୀରେ ଧୀରେ କମି ଯାଉଛି । ମାଟିର ମହତ୍ତ୍ୱ ଓ ତା'ର ରକ୍ଷଣାବେକ୍ଷଣ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବା ପାଇଁ ଚଳିତବର୍ଷ ଡିସେମ୍ବର ୫ ତାରିଖ ଦିନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇ ଜିଲ୍ଲାସ୍ତରୀୟ ବିଶ୍ୱମୃତ୍ତିକା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମୃତ୍ତିକା ଏବଂ ଜଳ ସଂରକ୍ଷଣ ବିଭାଗର ମୁଖ୍ୟ ଅଧିକାରୀ କୃଷିବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବୈଜ୍ଞାନିକା, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅତିଥି ରୂପେ ଯୋଗ ଦେଇଥିଲେ । ମାଟିର ମାନକୁ ରକ୍ଷା କରିବା ପାଇଁ ଜଙ୍ଗଲ କ୍ଷୟ ନ କରିବା, ମାଟି ପରୀକ୍ଷା କରି ସାର ପ୍ରୟୋଗ



କରିବା, ଜୈବିକ ସାର ବ୍ୟବହାର କରିବା, ମୃତ୍ତିକା ସଂରକ୍ଷଣ ଭଳି କାର୍ଯ୍ୟକୁ ମହତ୍ତ୍ୱ ଦେବା ପାଇଁ ଅତିଥିମାନେ ନିଜ ନିଜ ଅଭିଭାଷଣରେ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପାଳ ମହୋଦୟ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଥିଲେ ।

# ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ




ରା. ଉଦୟଗିରି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଗଜପତିର ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ତା.୨୯.୧୨.୨୦୨୩ରିଖରେ ଅନୁଷ୍ଠିତ ହୋଇଯାଇଛି । କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଓୟୁଏଟିର ଡିନ୍ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓୟୁଏଟିର ଉପଯୁକ୍ତ ନିର୍ଦ୍ଦେଶକ ପ୍ରଫେସର ପି.କେ. ମହାନ୍ତି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଆଟାରି କଲିକତାର ପ୍ରମୁଖ ବୈଜ୍ଞାନିକ ଡଃ ଅଭିଜିତ୍ ହାଲଦାର, ଆଞ୍ଚଳିକ ଗବେଷଣା ସଂସ୍ଥା ଜି.ଉଦୟଗିରିର ବୈଜ୍ଞାନିକ ଅନ୍‌ଲାଇନ୍ ମାଧ୍ୟମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୃଷିବିଜ୍ଞାନ କେନ୍ଦ୍ରର ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମରେ ସଫଳତା ଓ ଆଗାମୀ ବର୍ଷର ପ୍ରାୟୋଜିତ କାର୍ଯ୍ୟକ୍ରମ ବିଷୟରେ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଂଗ୍ରାମ ପରମଗୁରୁ ଆଲୋଚନା କରିଥିଲେ । ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀଙ୍କ ଠାରୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା, ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକତା ଓ ଉପଲବ୍ଧ ସୁଯୋଗ ଇତ୍ୟାଦି ବିଷୟରେ ପରାମର୍ଶ ନିଆଯାଇଥିଲା । କୃଷିବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ବୈଠକକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

**ପ୍ରକାଶକ:** କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି, **ମୁଖ୍ୟ ସମ୍ପାଦକ :** ଡଃ ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)
**ସମ୍ପାଦନା ମଣ୍ଡଳୀ:** ଡଃ. ସୁଶ୍ରୀ ଚୌଧୁରୀ(ବୈଜ୍ଞାନିକ ଉଦ୍ୟାନ ବିଜ୍ଞାନ), ଡଃ. ସଂଜୀବ କୁମାର ମାଣ୍ଡି (ବିଷୟ ବସ୍ତୁ ବିଶେଷଜ୍ଞ, କ୍ଷେତ୍ର ବିଜ୍ଞାନ), ଶ୍ରୀ ଜୟଶଙ୍କର ପ୍ରଧାନ (ବିଷୟ ବସ୍ତୁ ବିଶେଷଜ୍ଞ, କୃଷି ପାଣିପାଗ), ଶ୍ରୀ ମନୋଜ କୁମାର ସାହୁ (କାର୍ଯ୍ୟକ୍ରମ ସହାୟକ, କମ୍ପ୍ୟୁଟର), ଓ.ୟୁ.ଏ.ଟି ପବ୍ଲିକେସନ୍ ନଂ:୨୦୨୪୦୩୦୧୮୮,
ଯୋଗାଯୋଗ: କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି-୭୬୧୦୧୬, Email : kvkgajapati.ouat@gmail.com,kvk.gajapati@ouat.ac.in.